# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 August – 2026

***********************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଉଲ୍ଲେଖନୀୟ ବୀରତ୍ୱ ସେବା ପାଇଁ ୨୪ ଜଣ ପୁଲିସ୍ କର୍ମଚାରୀଙ୍କୁ ମିଳିବ ରାଷ୍ଟ୍ରପତି ପଦକ
- ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର ବନ୍ୟାସ୍ଥିତି ପରିଚାଳନା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କଲେ ରାଜ୍ୟ ସରକାର
- ଅନ୍ତରୀଣ ପୁଲିସ୍ ମହାନିର୍ଦ୍ଦେଶକ ଦାୟିତ୍ୱ ନେଲେ ବରିଷ୍ଠ ପୁଲିସ୍ ଅଧିକାରୀ ବିନୟତୋଷ ମିଶ୍ର

ଏବଂ

- ଲଘୁଚାପର ପ୍ରଭାବରେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

## ରାଷ୍ଟ୍ରପତି ପଦକ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ, ପ୍ରଶଂସନୀୟ ଓ ସାହସିକତା (ବୀରତ୍ୱ ସେବା ପାଇଁ) ରାଷ୍ଟ୍ରପତି ପଦକ ଘୋଷଣା କରାଯାଇଛି। ଓଡ଼ିଶା ପୁଲିସ୍, ଅଗ୍ନିଶମ, ହୋମ୍‌ଗାର୍ଡ ଓ ଜେଲ୍ ବିଭାଗକୁ ମିଶାଇ ୨୪ ଜଣଙ୍କୁ ଏହି ପଦକ ପ୍ରଦାନ କରାଯିବ। ପୁଲିସ୍ ବିଭାଗର ୧୭, ଜେଲ୍ ବିଭାଗର ୨, ଅଗ୍ନିଶମ ବିଭାଗର ୩ ଜଣ ଓ ହୋମ୍‌ଗାର୍ଡର ଜଣେ ଏହି ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସାହସିକତା ପାଇଁ ଓଡ଼ିଶାର ୫ ଜଣଙ୍କୁ, ଉଲ୍ଲେଖନୀୟ ସେବା ପାଇଁ ୩ ଜଣ ପ୍ରଶଂସନୀୟ ସେବା ପାଇଁ ୧୫ ଜଣଙ୍କୁ ପୁଲିସ୍ ପଦକ ପ୍ରଦାନ କରାଯିବ। ୨୦୨୭ ମସିହା ଜାନୁୟାରୀ ୨୬ ତାରିଖରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଏହି ପଦକ ପ୍ରଦାନ କରିବେ।

## ଅନୁ ଗର୍ଗ

ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟ ଶାସନ ସଚିବ **ଅନୁ ଗର୍ଗ** କହିଛନ୍ତି। ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୯୫୩ ମିଲିମିଟର ବର୍ଷା ହୋଇଛି। ସ୍ୱାଭାବିକଠାରୁ ଏହା ୨୭ ପ୍ରତିଶତ ଅଧିକ ବୋଲି ଜଣାପଡିଛି। ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଯେଉଁମାନେ ଛୁଟିରେ ଅଛନ୍ତି, ସେମାନଙ୍କ ଛୁଟି ମଧ୍ୟ ସରକାର ବାତିଲ କରିଥିବା ଶ୍ରୀମତୀ ଗର୍ଗ କହିଛନ୍ତି।

ରାଜ୍ୟ ସରକାର ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ୩ଟି ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ନିୟୋଜିତ କରିଛନ୍ତି। ଭଦ୍ରକ ପାଇଁ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ପାଇଁ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଓ ଯାଜପୁର ଜିଲ୍ଲା ପାଇଁ ପି.ଅନ୍ୱେଷା ରେଡ୍ଡୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱରକୁ ଜଣେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପଠାଇଯାଇଥିବାବେଳେ ଭଦ୍ରକ ଓ ଯାଜପୁରକୁ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଛି।

ଆଜି ପର୍ଯ୍ୟନ୍ତ ସୃଷ୍ଟ ବନ୍ୟା ପରିସ୍ଥିତି ଯୋଗୁଁ ୪୯ଟି ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ ୩୩୧ଟି ଗ୍ରାମପଂଚାୟତର ୯୪୭ଟି ଗ୍ରାମ ଓ ୫ଟି ସହରାଞ୍ଚଳ ପ୍ରଭାବିତ ହୋଇଥିବା ଶ୍ରୀମତୀ ଗର୍ଗ କହିଛନ୍ତି। ଏଥିରେ ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୨ ଲକ୍ଷ ୩୭ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି.....

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାରେ ଆସନ୍ତାକାଲି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜିଲ୍ଲାପାଳ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଡା ବ୍ଲକ୍‌ରେ ହେବାକୁ ଥିବା ଅଭିଯୋଗ ଶୁଣାଣି ମଧ୍ୟ ସ୍ଥଗିତ ରଖାଯାଇଛି। **ଭଦ୍ରକ** ଜିଲ୍ଲାର ପାଣି ଘେରରେ ଥିବା ୪ଟି ବ୍ଲକ୍‌ର ୨୭୧ଟି ବିଦ୍ୟାଳୟକୁ ମଧ୍ୟ ଆସନ୍ତାକାଲି ପାଇଁ ଛୁଟି ଘୋଷଣା କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଜିଲ୍ଲାର ବିଭିନ୍ନ ପଂଚାୟତ ଓ ବନ୍ୟା ଅଂଚଳ ଅନୁଧ୍ୟାନ କରି ବିପନ୍ନ ଲୋକଙ୍କୁ ଭେଟି ଉଦ୍ଧାର

ଓ ଥଇଥାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଛନ୍ତି ..

**- V/O –**

## ବାଚସ୍ପତି

ସମାଜ ପ୍ରତି ଦାୟିତ୍ୱବୋଧ, ଶୃଙ୍ଖଳା, ମାନବିକତା ଓ ସେବା ମନୋଭାବକୁ ଜୀବନର ଅଂଶଭାବେ ଗ୍ରହଣ କରି ଯୁବପିଢି ଆଗକୁ ଅଗ୍ରସର ହେବା ଆବଶ୍ୟକ ବୋଲି ବାଚସ୍ପତି  ତଥା ରଣପୁର ବିଧାୟିକା ସୁରମା ପାଢୀ କହିଛନ୍ତି। **ନୟାଗଡ଼** ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନ ଓ କାର୍ଯ୍ୟରୁ ଶିକ୍ଷା ଗ୍ରହଣ କରି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଯୁବବର୍ଗ ଭୂମିକା ନେବାକୁ ଶ୍ରୀମତୀ ପାଢୀ ଆହ୍ୱାନ ଦେଇଛନ୍ତି। ଯୁବ ପିଢି ନିଜର ଜ୍ଞାନ ପ୍ରତିଭା ଓ ଶକ୍ତିକୁ ସକାରାତ୍ମକ ଦିଗରେ ବିନିଯୋଗ କଲେ ସମାଜରେ ସୁସ୍ଥ ଓ ଉନ୍ନତ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଓ ସାମାଜିକ ସଚେତନତାର ଗୁରୁତ୍ୱ ଉପରେ ମତ ରଖିଛନ୍ତି।

## ସୁରେଶ ପୂଜାରୀ

ସ୍ଥାନୀୟ ଅଂଚଳର ଆବଶ୍ୟକତା ଓ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ବିକାଶମୂଳକ ପ୍ରକଳ୍ପ ଚୟନ ଓ ରୂପାୟନ କରାଯିବ ବୋଲି ରାଜସ୍ୱ

ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି। ଝାରସୁଗୁଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଜିଲ୍ଲାର ସାମଗ୍ରିକ ଓ ଦ୍ରୁତ ବିକାଶ ଦିଗରେ ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଲୋକଙ୍କୁ ବିକାଶର ମୁଖ୍ୟ ଧାରାରେ ସାମିଲ କରିବା ଦିଗରେ ପରିଷଦ କାର୍ଯ୍ୟ କରିବ ଏବଂ ଜିଲ୍ଲା ପ୍ରଶାସନ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖି ବିକାଶ କାର୍ଯ୍ୟକୁ ଫଳପ୍ରଦ କରିବା ପାଇଁ ପ୍ରୟାସ ଜାରି ରହିବ।

## ବିନୟତୋଷ ମିଶ୍ର

ବରିଷ୍ଠ ପୁଲିସ୍ ଅଧିକାରୀ ବିନୟତୋଷ ମିଶ୍ର ଅନ୍ତରୀଣ ପୁଲିସ୍ ମହାନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ଣରେ କଟକସ୍ଥିତ ପୁଲିସ୍ ମୁଖ୍ୟାଳୟରେ ଅବସରପ୍ରାପ୍ତ ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିୟା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଦାୟିତ୍ୱ ହସ୍ତାନ୍ତର ପରେ ଓ୍ୱାଇ.ବି. ଖୁରାନିୟାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ନାରୀ ସୁରକ୍ଷା, ନିଶାମୁକ୍ତ ଓଡ଼ିଶା ଗଠନ, ସଂଗଠିତ ଅପରାଧ ରୋକିବା, ସାଇବର ଅପରାଧ ଦୂର ଆଦି ୪ଟି ବିନ୍ଦୁ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ଶ୍ରୀ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ରାଜ୍ୟ ସରକାରଙ୍କର ପୋଲିସ ମହାନିର୍ଦ୍ଦେଶକ ଚୟନ ମାମଲା ସୁପ୍ରିମକୋର୍ଟଙ୍କ ବିଚାରଧୀନ ଥିବାରୁ କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ

ବିନୟତୋଷ ମିଶ୍ରଙ୍କୁ ସରକାର ଅସ୍ଥାୟୀଭାବେ ପୁଲିସ ମହାନିର୍ଦ୍ଦେଶକ ପଦ ତୁଲାଇବା ପାଇଁ ଦାୟିତ୍ୱ ଦେଇଛନ୍ତି ।

## ଡିଜିପି-୨

ଓଡ଼ିଶା ପୁଲିସ ଗତ ଦୁଇ ବର୍ଷରେ ଆଇନ-ଶୃଙ୍ଖଳା, ନକ୍ସଲ ଦମନ, ନିଶା ନିୟନ୍ତ୍ରଣ, ମହିଳା-ଶିଶୁ ସୁରକ୍ଷା, ସାଇବର ଅପରାଧ ଓ ଆଧୁନିକୀକରଣରେ ସଫଳତା ହାସଲ କରିଛି। ଅବସର ଗ୍ରହଣ ପୂର୍ବରୁ ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଚଳିତ ବର୍ଷ ଓଡ଼ିଶା ନକ୍ସଲମୁକ୍ତ ଘୋଷିତ ହୋଇଛି। ନିଶା ବିରୋଧୀ ଅଭିଯାନରେ ୪ ହଜାର ୧୯୫ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଛି। ୪ ହଜାର ୮୯୨ ମାମଲାରେ ୫ ହଜାର ୩୭୬ ଗିରଫ ଏବଂ ୬୪ ହଜାର ୨୨ ଏକର ଗଞ୍ଜେଇ ଚାଷ ନଷ୍ଟ ହୋଇଛି।

## ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ସୋମବାର ଶ୍ରାବଣ ଶୁକ୍ଳପକ୍ଷ ପଂଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁପ୍ତ ନୀତି କରାଯିବ।  ଏହି ନୀତି ପାଇଁ  ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ହର ଘର ତିରଙ୍ଗା

**ଯାଜପୁର** ଜିଲ୍ଲାରେ ଜାତୀୟ ପତାକା ଓ ଦେଶପ୍ରେମ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଯୁବବର୍ଗଙ୍କୁ ହର ଘର ତିରଙ୍ଗା ଅଭିଯାନରେ ସାମିଲ କରାଯାଇଛି। ଜିଲ୍ଲାର ଧର୍ମଶାଳା, ଦଶରଥପୁର, ବରୀ ବ୍ଲକ୍‌ରେ ଯୁବ କ୍ଲବ୍ ଏବଂ ମହିଳା ମଣ୍ଡଳର ସହଯୋଗରେ ହର ଘର ତିରଙ୍ଗା ରାଲି ଆୟୋଜିତ ହୋଇଥିଲା। ମାଇ ଭାରତ ପୋର୍ଟାଲ ମାଧ୍ୟମରେ ହର ଘର ତିରଙ୍ଗା ସମ୍ପର୍କିତ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

**ନୟାଗଡ଼** ଜିଲ୍ଲା ଭାପୁରଠାରେ ଜାତୀୟ ଏକତାର ବାର୍ତ୍ତା ନେଇ ତ୍ରିରଙ୍ଗା ବାଇକ୍ ରାଲି ଆୟୋଜନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ, ଦେଶର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଭାବନାକୁ ଜାଗ୍ରତ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା।

**କେନ୍ଦ୍ରାପଡା** ଜିଲ୍ଲା ରାଜନଗରଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଚେତନତା ସୃଷ୍ଟି ପାଇଁ ରାଜନଗର ବଜାରଠାରୁ ଏକ ତ୍ରିରଙ୍ଗା ଯାତ୍ରା ବିଭିନ୍ନ ସ୍ଥାନ ଅତିକ୍ରମ କରି ବ୍ଲକ୍ ଛକରେ ପହଞ୍ଚିଥିଲା।

## ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ଲାଗି ରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ୪ଟି ଜିଲ୍ଲାକୁ

ଆସନ୍ତାକାଲି ପର୍ଯ୍ୟନ୍ତ ସତର୍କତା ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି। ଏହି ସମୟ ମଧ୍ୟରେ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ରହିଛି।

ଲଗାଣ ବର୍ଷା ଫଳରେ ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଏବଂ ବୁଢାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଚଂଳ ଜଳମଗ୍ନ ହୋଇଛି। ୬ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଏବଂ କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ସୂଚନା ଅନୁଯାୟୀ, ଏହି ବନ୍ୟାରେ ୨ ଲକ୍ଷ ୭୦ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୯୫ହଜାର ଲୋକଙ୍କୁ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି।